# ୨

# ଜାତି ଓ ରାଷ୍ଟ୍ର

ଆଧୁନିକ ରାଷ୍ଟ୍ରର କ୍ରମ ବିକାଶ ଗୋଟିଏ ରାଜନୈତିକ ସଂଗଠନରେ ପରିଣତ ହେବା ପାଇଁ ଅନେକ ସମୟ ନେଇଥିଲା । ପ୍ରାଚୀନ କାଳରେ ମନୁଷ୍ୟ ଗୋଟିଏ ସ୍ଥାନରେ ବସତି ସ୍ଥାପନ କରୁଥିଲେ । ମନୁଷ୍ୟମାନେ ହେଉଛନ୍ତି ସାମାଜିକ ପ୍ରାଣୀ ଓ ସେମାନେ ଏକୁଟିଆ ଭାବରେ ରହିପାରିବେ ନାହିଁ । ଏହା ଏକ ସୁସ୍ପଷ୍ଟ ଘଟଣା । ସେମାନେ ସମାଜର ଗୋଟିଏ ଗୋଟିଏ ସଭ୍ୟ । ସେମାନେ ଏକ ସାମୁହିକ ଜୀବନର ଆବଶ୍ୟକତାକୁ ଅନୁଭବ କରି ନିର୍ଦ୍ଦିଷ୍ଟ ନୀତି ନିୟମକୁ ଗ୍ରହଣ କଲେ ଏବଂ ଧୀରେ ଧୀରେ ଗୋଟିଏ ଗୋଷ୍ଠୀଗତ ଜୀବନ, ଗୋଟିଏ ରାଜନୈତିକ ସମଷ୍ଟି ସୃଷ୍ଟି କରିବାରେ ଅଗ୍ରଗତି ହେଲା ଏବଂ ରାଷ୍ଟ୍ରର ସୃଷ୍ଟି ହେଲା । ପ୍ରାରମ୍ଭିକ ଅବସ୍ଥାରେ ରାଷ୍ଟ୍ର ଏକ ସରଳ ସଂଗଠନ ଥିଲା । ଗୋଟିଏ ସରଳ ସଂଗଠନରୁ ଏହା ସ୍ୱାଭାବିକ ପ୍ରକ୍ରିୟାରେ କ୍ରମେ ବିକଶିତ ହେଲା ଏବଂ ଗୋଟିଏ ଆଧୁନିକ ଜଟିଳ ସଂଗଠନକୁ ବୃଦ୍ଧି ପାଇଲା । ବର୍ଷ ବର୍ଷ ଧରି ଏହା ବିଭିନ୍ନ ସଂଗଠନ ସୃଷ୍ଟି କଲା ଏବଂ ଏହାର ବାସ୍ତବତା ସବୁଆଡ଼େ ଦେଖିବାକୁ ମିଳିଲା । ଏହି ବିଷୟବସ୍ତୁରେ ତୁମେ ଜାତି, ଜାତିୟତା ଓ ରାଷ୍ଟ୍ରର ବିଷୟରେ ଧାରଣା ପାଇବ । ତୁମେ ରାଷ୍ଟ୍ରର ଉପାଦାନ ବିଷୟରେ ଜାଣିବ ।

## ଉଦ୍ଦେଶ୍ୟ

**ଏହି ବିଷୟ ପାଠ ପରେ ତୁମେ –**

- ଜାତି ଓ ଜାତୀୟତା ବିଷୟରେ ଧାରଣା ପାଇପାରିବ ।
- ଜାତି ଓ ଜାତୀୟତା ମଧ୍ୟରେ ପାର୍ଥକ୍ୟ ବିଷୟରେ ଜାଣିପାରିବ ।
- ଜାତୀୟତାର ଉପାଦାନ ବିଷୟରେ ଜାଣିପାରିବ ।
- ସାର୍ବଭୌମ କ୍ଷମତା ସହିତ ରାଷ୍ଟ୍ରର ରାଜନୈତିକ ସତ୍ତା ବିଷୟରେ ଜାଣିପାରିବ ।
- ରାଷ୍ଟ୍ରର ଉପାଦାନକୁ ବିଶ୍ଳେଷଣ କରିପାରିବ ।

## ୨.୧ ଜାତି ଓ ଜାତୀୟତା (Nation And Nationality)

ଜାତୀୟତା ଶବ୍ଦଟି ଲାଟିନ୍ ଭାଷାର ନାଟସ (Natus) ଶବ୍ଦରୁ ଆସିଅଛି, ଯାହାର ଅର୍ଥ 'ଜନ୍ମ' । ତେଣୁ ଏହାର ମୂଳଉତ୍ପତ୍ତି ଶବ୍ଦ ଅନୁସାରେ ଜାତୀୟତାର ଅର୍ଥ ସମାନ ମୂଳବଂଶ ବା ଜନ୍ମକୁ ନେଇ ସମ୍ପର୍କ କିମ୍ବା ରକ୍ତଗତ ସମ୍ପର୍କ । ଜାତୀୟତାର ଏହି ଅର୍ଥ ଏକ ବିବଦମାନ ଅଟେ । ଆଜି ପୃଥିବୀରେ କୌଣସି ଗୋଟିଏ ଦେଶ ନାହିଁ ଯାହାର ଲୋକମାନେ ଗୋଟିଏ ମୂଳବଂଶର ସଦସ୍ୟ ହୋଇଥିବେ । ପ୍ରତ୍ୟେକ ଦେଶର ଲୋକମାନଙ୍କ ମଧ୍ୟରେ ବଂଶଗତ ମିଶ୍ରଣ ଘଟିଛି । ବଂଶଗତ ନିର୍ମଳତା ଦେଖିବା ଏକ କଷ୍ଟକର ବ୍ୟାପାର କାରଣ ଅନ୍ୟ ଜାତି ମଧ୍ୟରେ ଦେଶାନ୍ତର ବାସ ଫଳରେ ରକ୍ତଗତ ସଂଯୋଗର ବୃଦ୍ଧି ଓ ବଂଶ-ବଂଶ ବୈବାହିକ ବନ୍ଧନର ବ୍ୟବସ୍ଥା

ଜାତୀୟତାର ବିକାଶ ଏକ ମନସ୍ତାତ୍ତ୍ୱିକ ଭାବଧାରା ଯାହା ରାଜନୈତିକ କିମ୍ବା ବଂଶଗତ ନୁହେଁ । ଜେ.ଡବ୍ଲୁ ଗାରନର୍ (J.W.Garner) ଙ୍କ ମତରେ ଜାତୀୟତା ଏକ ସଂସ୍କୃତିଗତ ସମଜାତୀୟ ଗୋଷ୍ଠୀ, ଯାହା ଏକ ସମୟରେ ଏକତ୍ୱର ସଚେତନତା ରହିଥାଏ । (Nationality is a culturally homegenuous group that is at once concious of its Unity.)

ରାମ୍‌ଶେ ମୁରୁ (Ramsay Muir) ଙ୍କ ମତରେ ଜାତିର ଅର୍ଥ ହେଉଛି କେତେଗୁଡ଼ିଏ ଲୋକମାନଙ୍କର ସମଷ୍ଟି, ଯାହା ସେମାନେ ଅନୁଭବ କରନ୍ତି । ସେମାନଙ୍କ ମଧ୍ୟରେ ସୃଷ୍ଟି ହେଉଥିବା ପ୍ରାକୃତିକ ସମ୍ପର୍କ କେତେକ ନିର୍ଦ୍ଦିଷ୍ଟ ଭାବନାକୁ ନେଇ, ଯେଉଁଗୁଡ଼ିକ ସେମାନଙ୍କୁ ଅଧିକ ମଜବୁତ କରିଥାଏ ଏକତ୍ର ରହିବା ପାଇଁ । ସେମାନେ ନିଜର ଅସନ୍ତୋଷ ବ୍ୟକ୍ତ କରନ୍ତି ଯେତେବେଳେ ସେମାନଙ୍କର ଏକତା ନଷ୍ଟ ହୋଇଥାଏ । ରାମ୍‌ଶେଙ୍କ ମତରେ ଜାତୀୟତାର ବିକାଶ ନିଶ୍ଚିତ ଭାବରେ ଏକ ମନସ୍ତାତ୍ତ୍ୱିକ ଧାରଣା, ଏହା ପ୍ରଥମତଃ ସଂସ୍କୃତିଗତ ଓ ସଚେତନତାର ଐକ୍ୟତା ।

## ୨.୨ ଜାତି ଓ ଜାତୀୟତା ମଧ୍ୟରେ ପାର୍ଥକ୍ୟ (Distinction between Nation And Nationality)

ଜାତି ଓ ଜାତୀୟତା ମଧ୍ୟରେ ପାର୍ଥକ୍ୟ ଅତ୍ୟନ୍ତ ସୀମିତ । ଉଭୟ ଶବ୍ଦ ଗୋଟିଏ ଶବ୍ଦରୁ ଆସିଅଛି । ତେଣୁ ଉଭୟ ଶବ୍ଦ ଉଭୟ ମଧ୍ୟରେ ପାରସ୍ପରିକ । କିନ୍ତୁ ସେମାନଙ୍କ ମଧ୍ୟରେ ନିର୍ଦ୍ଦିଷ୍ଟ ପାର୍ଥକ୍ୟ ରହିଛି, ଯାହାକୁ ନିମ୍ନରେ ଆଲୋଚନା କରାଗଲା ।

୧। ଜାତୀୟତା ଏକ ସଂସ୍କୃତିଗତ ଶବ୍ଦ, ଏହା ଏକ ମନସ୍ତାତ୍ତ୍ୱିକ ଚିନ୍ତାଧାରା, ଯେଉଁଥିରେ ଭୌଗୋଳିକ ଏକତାକୁ ନେଇ ଲୋକମାନଙ୍କର ସମଷ୍ଟି ସୃଷ୍ଟି କରାଯାଏ । ସେମାନେ ଏକ ବଂଶ, ଏକ ଜାତି, ଏକ ଧର୍ମ, ଏକ ପ୍ରଥା ଓ ଏକ ଭାବନା ଓ ଚିନ୍ତାଧାରାର ଅନ୍ତର୍ଭୁକ୍ତ । ଜାତୀୟତାଭାବ ଲୋକମାନଙ୍କ ମଧ୍ୟରେ ଏକତା ଭାବନା ରହିବା ବାଞ୍ଛନୀୟ । ସେମାନେ ଅନୁଭବ କରିବା ଦରକାର ଯେ ସେମାନଙ୍କ ମଧ୍ୟରେ କେତେକ ସାମଞ୍ଜସ୍ୟ ରହିଛି, ଯାହା ଅନ୍ୟମାନଙ୍କଠାରୁ ଅଲଗା ଅଟେ । କିନ୍ତୁ ଜାତି ହେଉଛି ଲୋକମାନଙ୍କର ଏକ ସଂଗଠନ । ଜାତି ଗୋଟିଏ ସଂଗଠନ ବିଷୟରେ ଧାରଣା ଦିଏ । ଜାତୀୟତା ଭାବନା ବିଷୟରେ ଧାରଣା ଦିଏ ।

୨। ଜାତୀୟତା ସାଧାରଣତଃ ଏକ ସଂସ୍କୃତିଗତ ଶବ୍ଦ । ଏହା ଆକସ୍ମିକ ଭାବ ଓ ରାଜନୈତିକ ଭାବନା ଯାହା ହାୟେସ୍ (Hayes) କହିଛନ୍ତି । ଜାତି ସାଧାରଣତଃ ଏକ ରାଜନୈତିକ ଶବ୍ଦ, ଆକସ୍ମିକ ଭାବେ ଏକ ସଂସ୍କୃତିଗତ । ଏହାର ଅର୍ଥ ନୁହେଁ ଜାତୀୟତା ରାଜନୀତି ନୁହେଁ ଓ ଜାତି ସଂସ୍କୃତି ନୁହେଁ ।

୩। ରାଷ୍ଟ୍ରର କ୍ରମବିକାଶରୁ ଦେଖାଯାଏ ଯେ ଏପରି ରାଷ୍ଟ୍ର ଅଛନ୍ତି ଯେଉଁଠି ଗୋଟିଏ ଜାତୀୟତାରୁ ଅଧିକ ଅଛନ୍ତି ଏବଂ ଜାତୀୟତା ଅଛି ଯାହା ଗୋଟିଏ ରାଷ୍ଟ୍ରରୁ ଅଧିକ ରାଷ୍ଟ୍ର ଉପରେ ଆଚ୍ଛାଦିତ ଅଛି । ପୂର୍ବର ରୁଷିଆ, ଗୋଟିଏ ରାଷ୍ଟ୍ର ଯେଉଁଥିରେ ଅନେକଗୁଡ଼ିଏ ଜାତୀୟତା ରହିଥିଲା । କୋରିଆର ଜାତୀୟତା ଦୁଇଟି ରାଷ୍ଟ୍ରକୁ ଆଚ୍ଛାଦିତ କରିଥିଲା ।

୪। ଜାତି ଓ ଜାତୀୟତାର ପାର୍ଥକ୍ୟକୁ ଅନ୍ୟ ଏକ ଧାରଣାକୁ ନେଇ ଆଲୋଚନା କରିବା । କେତେକ ଜାତୀୟତାର ଶବ୍ଦକୁ ଏପରି ବ୍ୟବହାର କରୁଛନ୍ତି, ଯାହା ଜାତି ଦ୍ୱାରା ସୃଷ୍ଟି ହୋଇଥିବା ନୀତିନିୟମକୁ ଅନୁଶୀଳନ କରେ । ଏହାର ଅର୍ଥ ଜାତୀୟତା ଜାତିକୁ ଅଗ୍ରଗତି କରାଏ । ଉତ୍ପତ୍ତି ଶବ୍ଦକୁ ନେଇ ସେମାନେ ଅଲଗା ନୁହନ୍ତି । ଜୁଇଶ୍ ଜାତୀୟତା ଜୁଇଶ୍ ଜାତି ଗଠନ କରିଥିଲା ।

୫। ଆମେ ଯଦି ଜାତିର ଅର୍ଥକୁ ବୁଝିବା ସମାଜ, ବଂଶ, ଭାଷା, ପରମ୍ପରାର ଜନସଂଖ୍ୟା, ସମାନ ଭୂଖଣ୍ଡର ଅଧିବାସୀ ଓ ଲୋକସଂଖ୍ୟାର ଏକ ବିଶାଳ ଅଂଶ । ଯେପରି ବ୍ରିଟିଶ୍‌ର ଗୋଟିଏ ଜାତି ଭଳି । ଯଦି ଆମେ ଅନ୍ୟ ଦିଗରୁ ଦେଖିବା ଜାତୀୟତାର ଅର୍ଥ ଗୋଟିଏ ଧାର୍ମିକ ଗୋଷ୍ଠୀ ଗୋଟିଏ ଅଞ୍ଚଳରେ ବିସ୍ତାରିତ ହୋଇ ରହିଲେ ଓ ଏହି ଅଞ୍ଚଳର ଜନସଂଖ୍ୟାର ୫୦ଟି ଛୋଟ ଅଂଶ ଗଠିତ ହୋଇ ରହିଥାଏ । ଆମେ କହିବା ୱେଲେସା (Welsh) ଜାତୀୟତା, ପରବର୍ତ୍ତୀ ସମୟରେ ଏକ ଜାତୀୟତା ଭାବରେ ବ୍ରିଟିଶ୍ ଜାତିର ଏକ ଅଂଶ ଅଟେ ।

## ବିଷୟ ଭିତ୍ତିକ ପ୍ରଶ୍ନାବଳୀ ୨.୧

**ଶୂନ୍ୟସ୍ଥାନ ପୂରଣ କର ।**

୧। ଏହାର ମୂଳ ଉତ୍ପତ୍ତି ଶବ୍ଦ ଅନୁସାରେ ଜାତୀୟତା ଅର୍ଥ __________ ମୂଳବଂଶ ।

୨। __________ ଦେଖିବା ଏକ କଷ୍ଟକର ବ୍ୟାପାର, କାରଣ ଦେଶାନ୍ତକରଣ ବାସ ଫଳରେ ରକ୍ତଗତ ସଂଯୋଗର ବୃଦ୍ଧି, ଜାତି ମଧ୍ୟରେ ଓ ବଂଶ ମଧ୍ୟରେ ବିବାହର ବ୍ୟବସ୍ଥା ।

୩। ଜାତୀୟତାର ବିକାଶ ନିଶ୍ଚିତ ଭାବରେ ଏକ __________ ଧାରଣା ।

୪। ଜାତୀୟତା ଶବ୍ଦଟି ଲାଟିନ୍ ଭାଷାର __________ ଶବ୍ଦରୁ ଆସିଅଛି ।

## ୨.୩ ଜାତୀୟତାର ଉପାଦାନ

ଜାତୀୟତା ଶବ୍ଦର ଉପାଦାନକୁ ନେଇ ଆଲୋଚନା କରିବା ଅତ୍ୟନ୍ତ କଷ୍ଟକର । ଏହା ଏକ ମନସ୍ତାତ୍ତ୍ୱିକ ଧାରଣା । ତେଣୁ ଏହା ଉପରେ ଏକ ସମାନ ଭାବନା ଉପସ୍ଥାପନା କରିବା ଅସମ୍ଭବ, ଯାହା ସବୁ ସମସ୍ତ ସ୍ଥାନରେ ଜାତୀୟତା ସହିତ ଜଡ଼ିତ ଆମେ ନିଶ୍ଚିତ ଭାବରେ କହିପାରିବା ନାହିଁ ଯେ ଏହି ନିର୍ଦ୍ଦିଷ୍ଟ ଉପାଦାନ ଗୋଟିଏ ପୃଥକ୍ ଜାତୀୟତା ପାଇଁ ପ୍ରସ୍ତୁତ କରାଯାଇଛି । ଆମେ କେତେଗୁଡ଼ିଏ ଉପାଦାନ ବିଷୟରେ ନିମ୍ନରେ ଆଲୋଚନା କରିବା ।

### ୨.୩.୧ ସମ ଭୌଗଳିକ :

ଲୋକମାନେ ଗୋଟିଏ ଭୂଖଣ୍ଡ ମଧ୍ୟରେ ବସତି ସ୍ଥାପନ କରିବା ଜାତୀୟତାର ଏକ ମୁଖ୍ୟ ଉପାଦାନ ଅଟେ । ଏହା ଦ୍ୱାରା ସେମାନେ ଗୋଟିଏ ସଂସ୍କୃତିର ବିକାଶ କରି ପାରିବେ । ସେହି ଦୃଷ୍ଟିରୁ ରାଷ୍ଟ୍ରକୁ ମାତୃଭୂମି ବା ପିତୃଭୂମି କୁହାଯାଏ । ଆମେ ଲୋକମାନଙ୍କ ମଧ୍ୟରେ ଏକ ଏକତ୍ୱ ଦେଖିବାକୁ ପାଉ । ତେଣୁ ଡେନ୍‌ମାର୍କର ଲୋକମାନଙ୍କୁ ଡାନସ୍, ଫ୍ରାନସ୍‌ର ଲୋକମାନଙ୍କୁ ଫ୍ରେନ୍‌ଞ୍ଚ, ଭାରତର ଲୋକମାନଙ୍କୁ ଭାରତୀୟ ଓ ଆମେରିକାର ଲୋକମାନଙ୍କୁ ଆମେରିକାନ୍ କହୁ । ସମ ଭୂଖଣ୍ଡ ଜାତୀୟତାର ଏକ ସମ୍ପୂର୍ଣ୍ଣ ରୂପେ ଅତ୍ୟାବଶ୍ୟକ ଉପାଦାନ ନୁହେଁ । ଇସରାଏଲ ଦେଶର ଗଠନ ପୂର୍ବରୁ ଜିଉମାନେ ସାରା ବିଶ୍ୱରେ ଛିନ୍ନଭିନ୍ନ ଭାବରେ ରହୁଥିଲେ । ସେମାନଙ୍କର ସମଭୂଖଣ୍ଡ ନ ଥିଲା । ଏହାପରେ ମଧ୍ୟ ସେମାନେ ଗୋଟିଏ ଦୃଢ଼ ଜାତୀୟତା ସୃଷ୍ଟି କରିଥିଲେ । ସମଭାବରେ, ପୋଲସ୍ (Poles) ମାନେ ୧୯୧୯ ମସିହା ପୂର୍ବରୁ ସେମାନଙ୍କର ବାସଭୂମିକୁ ଦୀର୍ଘ ସମୟ ଧରି ଗ୍ରହଣ କରୁ ନ ଥିଲେ କିନ୍ତୁ ସେମାନଙ୍କର ଜାତୀୟତା ଥିଲା ।

### ୨.୩.୨ ସମବଂଶ :

ସମବଂଶ ଗୋଟିଏ ଧାରଣା ପ୍ରଦାନ କରେ ଯେ ଲୋକମାନଙ୍କର ଗୋଟିଏ ନିର୍ଦ୍ଦିଷ୍ଟ ଜାତୀୟତା, ଗୋଟିଏ ଗୋଷ୍ଠୀ କିମ୍ବା ସାମାଜିକ ଏକତା ରହିଛି । କେତେକ ଲୋକଙ୍କ ମତରେ ବଂଶର ପବିତ୍ରତା ଜାତୀୟତା



Notes

ତିଆରି କରେ । ଯାହା ବୈଜ୍ଞାନିକ ଦୃଷ୍ଟିକୋଣରୁ ଭୁଲ ଅଟେ । ଦେଶାନ୍ତରବାସ ଓ ଅନ୍ୟ ଜାତି ମଧ୍ୟରେ ବିବାହ ଫଳରେ ବଂଶର ପବିତ୍ରତା ସମ୍ଭବ ନୁହେଁ । ଆଜି ଏହି ଧାରଣା ଏକ ଦୁଃସ୍ୱପ୍ନ, କିନ୍ତୁ ନିଶ୍ଚିତ ଭାବରେ ବିଶ୍ୱାସ କରିବା ଯେ ଜଣେ ଗୋଟିଏ ବଂଶର ହୋଇଥିଲେ, ଜାତୀୟତାର ଧାରଣା ସୃଷ୍ଟି କରିପାରିବ । ସମବଂଶ ଧାରଣାର ଅନେକ ଗୁରୁତ୍ୱ ରହିଛି କାରଣ ଏହା ସମ ଭାଷା, ସମ ପରମ୍ପରା ଓ ସମ ସଂସ୍କୃତିକୁ ଶକ୍ତିଶାଳୀ କରେ ।

### ୨.୩.୩ ସମ ଭାଷା :

ସମ ଭାଷା ହେଉଛି ଯୋଗାଯୋଗର ଏକ ମାଧ୍ୟମ, ଯାହା ଲୋକମାନଙ୍କୁ ସେମାନଙ୍କର ଧାରଣାକୁ ପ୍ରକାଶ କରିବାରେ ସମର୍ଥ କରେ । ଏହା ଜାତୀୟତାର ଅନ୍ୟ ଉପାଦାନର ଆଧାର ଅଟେ । ସମ ଭାଷାର ଅର୍ଥ ନୁହେଁ କେବଳ ସମ ସାହିତ୍ୟ କିଛି ଐତିହାସିକ ପରମ୍ପରା ଏକ ସମ ସ୍ଥାପତ୍ୟ । ସମ ଐତିହାସିକ ଅଭିଜ୍ଞତା ଓ ପରମ୍ପରା ସାହିତ୍ୟରେ ପ୍ରତିଫଳିତ ହେଲା ପରି ଜାତୀୟତାର ବନ୍ଧନ ଦ୍ୱାରା ଲୋକମାନଙ୍କୁ ଏକତ୍ରିତ କରାଯାଏ । ସମ ଭାଷା ଗୋଟିଏ ଏକତ୍ରିକରଣ ସମାଜ ସୃଷ୍ଟି କରେ । ଅଧିକାଂଶ ଇଉରୋପୀୟ ଦେଶମାନେ ସମ ଭାଷା ଫଳରେ ଉନ୍ନତି କରିଯାଇଥିଲେ ଯଥା : ଇଂଲଣ୍ଡ, ଇଂଲିଶ୍ ଭାଷା ଦ୍ୱାରା, ଫ୍ରେଞ୍ଚ ଫରାସୀ ଭାଷା ଓ ସ୍ପେନ୍ ସ୍ପେନିଶ୍ ଭାଷା । କିନ୍ତୁ ଏହି ଘଟଣା ଏତେ ଆବଶ୍ୟକ ନୁହେଁ । ଆମେ ଆଜି ଅନେକ ଭାଷାଭାଷୀ ଜାତୀୟତା ଦେଖିବାକୁ ପାଇଛୁ । ପୁନଶ୍ଚ ଇଂଲିଶ ଭାଷା ଏକ ବିଶ୍ୱସ୍ତରୀୟ ଭାଷା ଯାହା ବିଶ୍ୱର ସମସ୍ତ ଅଞ୍ଚଳରେ କୁହାଯାଉଛି ଏବଂ ଏହା କେବଳ ଇଂଲଣ୍ଡରେ ସୀମିତ ନୁହେଁ ।

### ୨.୩.୪ ସମ ଧର୍ମ :

ଜାତୀୟତାର ଧର୍ମ ଏକ ଗୁରୁତ୍ୱପୂର୍ଣ୍ଣ ଉପାଦାନ ଅଟେ । ସମ ଧର୍ମ ଜାତୀୟ ଭାବନାକୁ ଏକ ଦୃଢ଼ ପ୍ରେରଣା ଯୋଗାଏ । ଆଧୁନିକ ଯୁଗରେ ଜାତୀୟତା ବହୁଧର୍ମୀ ମଧ୍ୟରେ ପ୍ରବେଶ କରିଅଛି ଓ ଏପରି ପରିସ୍ଥିତିରେ ବ୍ୟକ୍ତିର ଧର୍ମ ହେଉଛି ଏକ ବ୍ୟକ୍ତିଗତ ବ୍ୟାପାର । ଧର୍ମ ବିରୋଧାଭାବ ଭାବରେ କାର୍ଯ୍ୟ କରେ, ଯାହା ଭାରତର ବିଭାଜନ ବେଳେ ଦେଖାଯାଇଥିଲା । ପାକିସ୍ତାନ ଏକ ରାଷ୍ଟ୍ର ଭାବେ ସୃଷ୍ଟି ହୋଇଥିଲା ।

### ୨.୩.୫ ସମ ରାଜନୈତିକ ବ୍ୟବସ୍ଥା :

ସମ ରାଜନୈତିକ ବ୍ୟବସ୍ଥାର ଉପସ୍ଥିତି ବା ରାଷ୍ଟ୍ର, ଏହା ବର୍ତ୍ତମାନ ହେଉ ବା ଅତୀତର ଜାତୀୟତାର ଏକ ଉପାଦାନ ଅଟେ । ଆଇନ ମାଧ୍ୟମରେ ରାଷ୍ଟ୍ରରେ ଲୋକମାନେ ଏକତ୍ରିତ ଭାବରେ ରହିଥା'ନ୍ତି । ଗୋଟିଏ ରାଷ୍ଟ୍ର ମଧ୍ୟରେ ରହିଲେ ଏକତ୍ରିତ ରହିବାର ଭାବନା ଆସେ । ଯୁଦ୍ଧ ପରି ଅନେକ ବିପଦ ଦେଶପ୍ରେମ ଭାବନା ବୃଦ୍ଧି କରିଥାଏ । ଗିଲଖ୍ରିଷ୍ଟ (Gilchrist) ଅନୁଭବ କରିଥିଲେ, "ନିଜର ଭୂଖଣ୍ଡ ଓ ରାଷ୍ଟ୍ର ସହିତ ଏକ ଜାତି ଜାତୀୟତାକୁ ବଞ୍ଚାଇ ରଖିଥାଏ କିମ୍ବା ଏହାର ନିଜର ଭୂଖଣ୍ଡ ଓ ରାଷ୍ଟ୍ର ସହିତ ଗୋଟିଏ ଜାତି ପରିକଳ୍ପନା କରାଯାଏ ।"

### ୨.୩.୬ ଅର୍ଥନୈତିକ ଘଟଣା :

ଅର୍ଥନୈତିକ କାର୍ଯ୍ୟକଳାପ ଲୋକମାନଙ୍କୁ ନିକଟତର କରେ । ଏହା କୁହାଯାଏ ଯେ ଐତିହାସିକତା ଦୃଷ୍ଟିରୁ ବିଭିନ୍ନ ଗୋଷ୍ଠୀ ଓ ବଂଶର ସଂଯୋଗ ଫଳରେ ଜାତୀୟତାର ସୃଷ୍ଟି । ପୁରାତନ ସମାଜରେ ଜାତୀୟତା ଥିଲା ବୋଲି ଜଣେ ଚିନ୍ତା କରିପାରିବ ନାହିଁ । ମାର୍କ୍ସବାଦ ବିଶ୍ୱାସ କରେ ଅର୍ଥନୈତିକ ଘଟଣା ଯୋଗୁଁ ଜାତୀୟତାର ସୃଷ୍ଟି । ସେମାନଙ୍କ ମତରେ ଗୋଟିଏ କ୍ରୀତଦାସ ପ୍ରଥା ସମାଜରେ ଜାତୀୟତା ସ୍ଥାନ ନ ଥିଲା ଏବଂ ପୁଞ୍ଜିବାଦ ବ୍ୟବସ୍ଥାରେ ଜାତୀୟତାର ସୃଷ୍ଟି ହେଲା । ଅର୍ଥନୈତିକ ଘଟଣା ଜାତୀୟତାବାଦର ଏକ ଗୁରୁତ୍ୱପୂର୍ଣ୍ଣ ଉପାଦାନ ।



ଜାତୀୟତାର ପରିଚାଳନା ପାଇଁ ମଧ୍ୟ ଏହା ବିଶେଷ ଉପଯୋଗୀ । ଯଦି ଏହାକୁ ଏକୁଟିଆ ଭାବେ ପରିଚାଳନା କରାଯାଏ, ଏହା ଜାତୀୟତା ସୃଷ୍ଟି କରିପାରିବ ନାହିଁ ।

### ୨.୩.୭ ସମ ବଶୀଭୂତ :

ଆଫ୍ରୋ-ଏସିଆନ୍ ଦେଶରେ ଜାତୀୟ ଆନ୍ଦୋଳନ ବୃଦ୍ଧି ପାଇବାର ମୁଖ୍ୟ କାରଣ ହେଉଛି ସମ ବଶୀଭୂତ ବ୍ୟବସ୍ଥା । ଏହି ସବୁ ରାଷ୍ଟ୍ର ବିଭିନ୍ନ ଇଉରୋପିଆନ ସାମ୍ରାଜ୍ୟବାଦୀ ଶକ୍ତି ଦ୍ୱାରା ଆକ୍ରମଣ କରାଯାଇଥିଲା । ସମ ବଶୀଭୂତ ଦ୍ୱାରା ଜାତୀୟତା ଭାବନା ସୃଷ୍ଟି ହୋଇଥିଲା ଓ ଲୋକମାନଙ୍କ ମଧ୍ୟରେ ଏକତାର ଭାବ ସୃଷ୍ଟି କରାଇଥିଲା । ଭାରତରେ ସମ ଉପନିବେଶବାଦର ଶୋଷଣ ଫଳରେ ସମ ଭାରତୀୟ ଜାତୀୟତା ସୃଷ୍ଟି ହୋଇଥିଲା ।

### ୨.୩.୮ ସମ ରାଜନୈତିକ ଲାଳସା :

ଗୋଟିଏ ଜାତି ହେବାର ଯେଉଁ ଲାଳସା, ଜାତୀୟତା ସୃଷ୍ଟି କରିବାର ଏକ ପ୍ରଧାନ ଘଟଣା ବୋଲି ଅନେକ ମତବ୍ୟକ୍ତ କରନ୍ତି । ପ୍ରଥମ ବିଶ୍ୱଯୁଦ୍ଧ ପୂର୍ବରୁ ପୋଲମ୍ ମାନେ ପୋଲାଣ୍ଡ ଚାହୁଁଥିଲେ । ଇଉରୋପରେ ବସବାସ କରୁଥିବା ଅନେକ ସଂଖ୍ୟାଲଘୁ ସମ୍ପ୍ରଦାୟ ସେମାନଙ୍କର ଅଲଗା ଜାତି ଚାହୁଁଥିଲେ । ୧୯୧୯ ମସିହାରେ ପ୍ୟାରିସ୍ ଶାନ୍ତି ପ୍ରସ୍ତାବରେ ଏହାକୁ ଏକ ନିଜସ୍ୱ-ନିଷ୍ୟତାର ନିୟମ ଭାବରେ ଗ୍ରହଣ କରାଗଲା ।

ଉପର ବର୍ଣ୍ଣିତ ସମସ୍ତ ଘଟଣା ଜାତୀୟତାର ବୃଦ୍ଧି କ୍ଷେତ୍ରରେ ସହାୟକ ହୋଇଥିଲେ ମଧ୍ୟ ସେମାନଙ୍କ ମଧ୍ୟରୁ କେଉଁ ଗୋଟିକ ଅତ୍ୟନ୍ତ ଦରକାରୀ ନୁହେଁ । ଜାତୀୟତା ହେଉଛି ଏକ ବିଷୟାବସ୍ତୁ ଭାବନା ଏହାକୁ ବାହ୍ୟବସ୍ତୁ ସମ୍ବନ୍ଧୀୟ ଘଟଣାକୁ ନେଇ ଆଲୋଚନା କରାଯାଇ ପାରିବ ନାହିଁ । ଗୋଟିଏ ବା ଅନେକ ଘଟଣାର ଉପସ୍ଥିତି ବା ଅନୁପସ୍ଥିତି ଜାତୀୟତା ଭାବନାର ଉପସ୍ଥିତି ବା ଅନୁପସ୍ଥିତିକୁ ପ୍ରଭାବିତ କରିବ ନାହିଁ ।

### ବିଷୟ ଭିତ୍ତିକ ପ୍ରଶ୍ନାବଳୀ ୨.୨

**ଶୂନ୍ୟସ୍ଥାନ ପୂରଣ କର ।**

୧। ସମ ଭୂଖଣ୍ଡ ମଧ୍ୟରେ ବସବାସ କରୁଥିବା ଲୋକମାନେ ସମ ________ ର ବିକାଶ କରିଥା'ନ୍ତି ।

୨। ବଂଶର ପବିତ୍ରତା ________ ଭୁଲ ଧାରଣା ପ୍ରଦାନ କରେ ।

୩। ଅଧିକାଂଶ ଇଉରୋପୀୟ ରାଷ୍ଟ୍ର ସମ ________ ଫଳରେ ଉନ୍ନତି କରିପାରିଥିଲେ ।

୪। ଐତିହାସିକତା ଦୃଷ୍ଟିରୁ ବିଭିନ୍ନ ଗୋଷ୍ଠୀ ଏବଂ ବଂଶର ________ ଫଳରେ ଜାତୀୟତାର ସୃଷ୍ଟି ।

୫। ଭାରତରେ ସମ ________ ଫଳରେ ସମ ଭାରତୀୟ ଜାତୀୟତା ସୃଷ୍ଟି ହୋଇଥିଲା ।

## ୨.୪ ରାଷ୍ଟ୍ର

ରାଷ୍ଟ୍ର ଶବ୍ଦ ରାଜନୀତି ବିଜ୍ଞାନର ଅଧ୍ୟୟନର କେନ୍ଦ୍ରବିନ୍ଦୁ । କିନ୍ତୁ ଏହାକୁ ଭୁଲବଶତଃ ଜାତି, ସମାଜ ଓ ସରକାରର ପ୍ରତିଶବ୍ଦ ଭାବରେ ବ୍ୟବହାର କରାଯାଉଛି । ରାଷ୍ଟ୍ର ଶବ୍ଦଟି ରାଷ୍ଟ୍ର ପରିଚାଳନା, ରାଷ୍ଟ୍ର ସାହାଯ୍ୟପ୍ରାପ୍ତ ଭଳି ଶବ୍ଦର ବ୍ୟବହାର କରାଯାଏ । କିନ୍ତୁ ରାଜନୀତି ବିଜ୍ଞାନରେ ଆମେ ଏହି ଶବ୍ଦକୁ ବିଭିନ୍ନ ଭାବରେ ଯଥା ଅତି ନିର୍ଦ୍ଦିଷ୍ଟ ଅର୍ଥରେ ବ୍ୟବହାର କରିଛେ ।

ରାଷ୍ଟ୍ରର ବିଭିନ୍ନ ପ୍ରକାର ସଂଜ୍ଞା ନିମ୍ନରେ ଆଲୋଚନା କରାଗଲା ।

**ବ୍ଲୁଣ୍ଟସ୍କି** : ଏକ ନିର୍ଦ୍ଦିଷ୍ଟ ଭୂଖଣ୍ଡ ବା ପରିସୀମାରେ ରାଜନୈତିକ ଭାବେ ସଂଗଠିତ ଜନତାକୁ ରାଷ୍ଟ୍ର କୁହାଯାଏ ।

**Bluntchhi :** State is politically organised people of a definite territory.

**ଗାର୍ଣ୍ଣର** : ସ୍ଥାୟୀ ଭାବରେ ଏକ ନିର୍ଦ୍ଦିଷ୍ଟ ଭୂଖଣ୍ଡର ଭୋଗଦଖଲକାରୀ, ବାହ୍ୟ ନିୟନ୍ତ୍ରଣମୁକ୍ତ (କିମ୍ବା ମୁକ୍ତପ୍ରାୟ) ଏବଂ ଅଧିକାଂଶ ଅଧିବାସୀଙ୍କ ନିରବଚ୍ଛିନ୍ନ ଆନୁଗତ୍ୟ ଲାଭ କରୁଥିବା ଏକ ସଂଗଠନ ସରକାରର ଅଧିବାସୀ, ଊଣା-ଅଧିକେ ସଂଖ୍ୟାବହୁଳ ଲୋକମାନଙ୍କର ସମ୍ପ୍ରଦାୟକୁ ରାଷ୍ଟ୍ର କୁହାଯାଏ ।

**Garner :** The state is a community of persons, more or less numeraes, permanently occupying a definite portion of territory, independent, or a early so, of external control and possessing an organised government to which the great body of inhabitants render habitual obedience.

**ଲାସ୍କି :** ଶାସକ ଓ ଶାସିତ ରୂପେ ବିଭାଜିତ ଗୋଟିଏ ଆଞ୍ଚଳିକ ସମାଜ ଯାହା ନିଜର ଆବଣ୍ଟିତ ଭୌତିକ କ୍ଷେତ୍ର ମଧ୍ୟରେ ଅନ୍ୟ ସମସ୍ତ ଅନୁଷ୍ଠାନ ଉପରେ ପରମାଧିପତ୍ୟ ଦାବି କରେ, ତାହାକୁ ରାଷ୍ଟ୍ର କହନ୍ତି ।

**Laski :** The state is a territorial society divided into government and subjects claiming with its allotted physical area, a supermacy over all other institutions.

**ଉଡ୍ରୋ ଉଇଲସନ :** ଏକ ନିର୍ଦ୍ଦିଷ୍ଟ ଭୂଖଣ୍ଡ ବା ପରିସୀମା ମଧ୍ୟରେ ଆଇନ ପାଇଁ ସଂଗଠିତ ଜନତାକୁ ରାଷ୍ଟ୍ର କୁହାଯାଏ ।

**Woodrow Willson :** The state is a people organised for law within a definite territory.

ମନୁଷ୍ୟ ଏକ ସାମାଜିକ ପ୍ରାଣୀ ଏବଂ ଏକୁଟିଆ ଭାବରେ ବଞ୍ଚିପାରିବ ନାହିଁ । ଯେତେବେଳେ ମନୁଷ୍ୟ ଏକତ୍ରିତ ଭାବେ ଜୀବନ ଅତିବାହିତ କରେ, ସେମାନେ ତାଙ୍କର ସାମାଜିକ ଆବଶ୍ୟକତା ପୂରଣ କରିଥା'ନ୍ତି, କିନ୍ତୁ ସମସ୍ତେ ଭଲ ଓ ସୁନ୍ଦର ନ ଥା'ନ୍ତି । ସେମାନଙ୍କ ମଧ୍ୟରୁ ଅନେକ ସ୍ତ୍ରୀ ଓ ପୁରୁଷ ଥାଆନ୍ତି ଯେଉଁମାନଙ୍କର ଅନେକଗୁଡ଼ିଏ ଭାବପ୍ରବଣତା ଥାଏ ଯଥା : ଈର୍ଷା, ସ୍ୱାର୍ଥପରତା, ଲୋଭ ଓ ଆତ୍ମ ଅଭିମାନ । ବର୍କ (Burke)ଙ୍କ ମତରେ ସମାଜର ଆବଶ୍ୟକତା ବ୍ୟକ୍ତିର କ୍ରୋଧକୁ କେବଳ ଦମନ କରିବା ଉଚିତ ନୁହେଁ, କିନ୍ତୁ ବ୍ୟକ୍ତି ଏକ ଗୋଷ୍ଠୀ ପରି ସାମାଜିକ ପ୍ରବୃତ୍ତିକୁ ବିଫଳ କରିବା ଉଚିତ । ତାକୁ ନିୟନ୍ତ୍ରଣ ଓ ତା'ର କ୍ରୋଧକୁ ବଶୀଭୂତ କରିବା ଆବଶ୍ୟକ । ରାଜନୈତିକ ପ୍ରଭୁତ୍ୱ ଦ୍ୱାରା ବ୍ୟକ୍ତିର ଖଳ ପ୍ରକୃତିକୁ ଦମନ କରିବା ଭଲ ବାଟ ଅଟେ । ତେଣୁ କରି ଲୋକମାନେ ନୀତିନିୟମ ଦ୍ୱାରା ସାଧାରଣ ବ୍ୟବହାରର କଟକଣା କରିଥା'ନ୍ତି ।

ରାଷ୍ଟ୍ର ତିଷ୍ଠି ରହିଛି ସୁସ୍ଥ ଜୀବନ ସକାଶେ । ଏହା ଏକ ଦରକାରୀ ଓ ପ୍ରାକୃତିକ ଅନୁଷ୍ଠାନ । ଆରିଷ୍ଟୋଟଲ (Aristotle) ଯଥାର୍ଥରେ କହିଛନ୍ତି, ରାଷ୍ଟ୍ର ବ୍ୟକ୍ତିର ଜୀବନ ରକ୍ଷା ପାଇଁ ସୃଷ୍ଟି ହୋଇଛି ଏବଂ ବ୍ୟକ୍ତିର ଜୀବନକୁ ସମୃଦ୍ଧ କରିବାକୁ ତିଷ୍ଠି ରହିଛି ।

ରାଷ୍ଟ୍ର ମଧ୍ୟରେ ବ୍ୟକ୍ତି ତା'ର ଦକ୍ଷତା ପ୍ରତିପାଦନ କରିଥାଏ । ଯଦି ପ୍ରଭୁତ୍ୱ ନାହିଁ, ସଂଗଠନ ନାହିଁ ଓ ଆଇନ କାନୁନ୍ ନାହିଁ ତେବେ ସମାଜ ଏକତ୍ରିତ ରହିପାରିବ ନାହିଁ । ଯେଉଁଠାରେ ଲୋକମାନେ ଗୋଟିଏ ସଂଗଠିତ ସମାଜ ମଧ୍ୟରେ ଜୀବନ ଯାପନ କରିପାରିବେ ସେଠାରେ ରାଷ୍ଟ୍ର ରହିବ । ରାଷ୍ଟ୍ରର ଗଠନ ଅନେକ ଦିନର କ୍ରମବିକାଶର ଫଳ । ସରଳ ସଂଗଠନରୁ ଆରମ୍ଭ ହୋଇ ଗୋଟିଏ ଜଟିଳ ସଂଗଠନରେ ପହଞ୍ଚିଛି,



Notes

ଯାହା ଆଜି ଆମେ ଅଛେ । ରାଷ୍ଟ୍ରର ମୌଳିକ ପ୍ରକୃତି ହେଉଛି ମନମୁଖୀ ଦମନମୂଳକ କ୍ଷମତା ପ୍ରୟୋଗ କରିବା । ଏହାର ଅଧିକାର ରହିଛି ନାଗରିକଠାରୁ ଆନୁଗତ୍ୟ ଜାହିର୍ କରିବା ।

ମାର୍କସିଷ୍ଟ ବିଶ୍ୱାସ କରନ୍ତି ଯେ ରାଷ୍ଟ୍ର ଗୋଟିଏ ଶ୍ରେଣୀ ସଂଗଠନ, ଯାହା ଧନିକ ଶ୍ରେଣୀ ଦ୍ୱାରା ସୃଷ୍ଟି ହୋଇଛି ଗରିବ ଲୋକମାନଙ୍କୁ ଶୋଷଣ କରିବା ଉଦ୍ଦେଶ୍ୟରେ । ରାଷ୍ଟ୍ର ଏକ ପ୍ରାକୃତିକ ଅନୁଷ୍ଠାନ, ସେମାନେ ବିଶ୍ୱାସ କରନ୍ତି ନାହିଁ । ରାଷ୍ଟ୍ର ସୃଷ୍ଟି ହୋଇଛି ଧନିକ ଶ୍ରେଣୀ ଲୋକଙ୍କ ଦ୍ୱାରା ଓ ଏହା କେବଳ ସେମାନଙ୍କର । ତେଣୁ ରାଷ୍ଟ୍ରର ସୃଷ୍ଟି ଶୋଷଣ ଉଦ୍ଦେଶ୍ୟରେ । ସେମାନେ ଏକ ଶ୍ରେଣୀବିହୀନ ସମାଜ ବା କମ୍ୟୁନିଜିମ୍‌ର ପରିକଳ୍ପନା କରିଛନ୍ତି ଯେଉଁଥିରେ ରାଷ୍ଟ୍ରର ଆବଶ୍ୟକତା ନାହିଁ, ରାଷ୍ଟ୍ରର ବିଲୟ ଘଟିବ ।

## ବିଷୟ ଭିତ୍ତିକ ପ୍ରଶ୍ନାବଳୀ ୨.୩

**ଶୂନ୍ୟସ୍ଥାନ ପୂରଣ କର ।**

୧। ରାଷ୍ଟ୍ର ତିଷ୍ଠି ରହିଛି __________ ଜୀବନ ପାଇଁ ।

୨। ରାଷ୍ଟ୍ରର ମୌଳିକ ପ୍ରକୃତି ହେଉଛି ମନମୁଖୀ __________ ପ୍ରୟୋଗ କରିବା ।

୩। ରାଷ୍ଟ୍ରର ଅଧିକାର ରହିଛି ଲୋକମାନଙ୍କଠାରୁ __________ ଜାହିର କରିବା ।

୪। ମାର୍କସିଷ୍ଟଙ୍କ ମତରେ, ରାଷ୍ଟ୍ର ଗୋଟିଏ __________ ।

୫। ଶ୍ରେଣୀବିହୀନ ସମାଜରେ __________ ନାହିଁ ।

## ୨.୫ ରାଷ୍ଟ୍ରର ଉପାଦାନ

ରାଷ୍ଟ୍ର ଚାରିଗୋଟି ଉପାଦାନକୁ ନେଇ ଗଠିତ । ସେଗୁଡ଼ିକ ହେଲା -

### ୨.୫.୧ ଜନସଂଖ୍ୟା (Population) :

ରାଷ୍ଟ୍ର ଏକ ମନୁଷ୍ୟ ଅନୁଷ୍ଠାନ । ଏହି ଲୋକମାନେ ରାଷ୍ଟ୍ର ଗଠନ କରିଥା'ନ୍ତି । ଆଣ୍ଟାର୍କଟିକା ଗୋଟିଏ ରାଷ୍ଟ୍ର ନୁହେଁ, କାରଣ ସେଠାରେ ଜନସଂଖ୍ୟା ନାହିଁ । ଜନସଂଖ୍ୟା ରାଷ୍ଟ୍ର ଗଠନରେ ପ୍ରମୁଖ ଭୂମିକା ନେଇଥାଏ । କିନ୍ତୁ ରାଷ୍ଟ୍ରର ଜନସଂଖ୍ୟା କେତେ ହେବା ଉଚିତ ? ଏହା ଏକ ପ୍ରଶ୍ନ ଅଟେ ।

ପ୍ଲାଟୋ ତାଙ୍କର ଆଦର୍ଶ ରାଷ୍ଟ୍ରର ଜନସଂଖ୍ୟା ୫୦୪୦ ମଧ୍ୟରେ ସୀମିତ ରଖିଥିଲେ । ଆରିଷ୍ଟୋଟଲଙ୍କ ମତରେ ରାଷ୍ଟ୍ରର ଜନସଂଖ୍ୟା ବେଶୀ ଅଧିକ କିମ୍ବା କମ୍ ହେବା ଉଚିତ ନୁହେଁ । ଏହାର ଜନସଂଖ୍ୟା ଅଧିକ ହେବା ଉଚିତ, କାରଣ ନିଜେ ଚଳିବାକ୍ଷମ ହୋଇପାରିବ । କମ୍ ହେବା ଉଚିତ ସୁସ୍ଥ ଶାସନ ପରିଚାଳନା କରିପାରିବ । ରୁଷୋଙ୍କ ମତରେ ରାଷ୍ଟ୍ରର ଜନସଂଖ୍ୟା ୧୦,୦୦୦ ହେବା ଉଚିତ । କିନ୍ତୁ ଗୋଟିଏ ରାଷ୍ଟ୍ରର ଜନସଂଖ୍ୟା କେତେ ହେବା ଉଚିତ ସ୍ଥିର କରିବା କଷ୍ଟକର । ଆଧୁନିକ ଯୁଗରେ ଭାରତ ଓ ଚୀନ ପରି ଅଧିକ ଜନସଂଖ୍ୟା ଓ ସାନମାରିନୋ ପରି କମ୍ ଜନସଂଖ୍ୟା ବିଶିଷ୍ଟ ରାଷ୍ଟ୍ର ଦେଖାଯାଏ । ପୂର୍ବ-ରୁଷିଆ ପରି ରାଷ୍ଟ୍ରରେ ବଡ଼ ପରିବାରକୁ ଉତ୍ସାହିତ କରାଯାଉଥିଲା । ଭାରତରେ ଜନସଂଖ୍ୟା ବୃଦ୍ଧି ଏକ ବଡ଼ ସମସ୍ୟା ହୋଇଥିବାବେଳେ ଚୀନ୍‌ରେ ଗୋଟିଏ ଶିଶୁ ବ୍ୟବସ୍ଥାକୁ କଡ଼ାକଡ଼ି ଭାବରେ ଲାଗୁ କରାଯାଇଛି । ମୁସୋଲିନ୍‌ଙ୍କ ପରି ଏକଛତ୍ରବାଦୀ ଅଧିକ ଜନସଂଖ୍ୟା ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ ।

ଜନସଂଖ୍ୟା ଉପରେ ବ୍ୟବହାର ଓ ତତ୍ତ୍ୱଭିତ୍ତିକ ସଂକୁଚିତ କରାଯାଇ ପାରିବ ନାହିଁ । ଗୋଟିଏ ରାଜନୈତିକ ଅନୁଷ୍ଠାନକୁ ସମର୍ଥନ କରିବା ପାଇଁ ଅଧିକ ସଂଖ୍ୟକ ଶାସକ ଓ ଶାସିତଙ୍କର ଆବଶ୍ୟକତା ରହିଛି ।



Notes

ସ୍ଥାନ ଓ ବିଭବର ଆବଶ୍ୟକତାକୁ ଦେଖି ଜନସଂଖ୍ୟାର ଅନୁପାତ କରିବା ଉଚିତ । ଏହା ଭାବିବା ଉଚିତ ଯେ ଜନସଂଖ୍ୟାର ବିଭିନ୍ନ ପ୍ରକାର ସଂଖ୍ୟାକୁ ନେଇ ଅନ୍ୟ ସବୁ ଜିନିଷ ସମାନ ରହିଥାଏ । ରାଷ୍ଟ୍ରର ପ୍ରକୃତିର କିଛି ପରିବର୍ତ୍ତନ ହୁଏନାହିଁ ।

ଜନସଂଖ୍ୟାର ଦକ୍ଷତା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଟେ । ଗୋଟିଏ ରାଷ୍ଟ୍ର, ସୁସ୍ଥ ଶରୀର, ବୁଦ୍ଧିମାନ ଓ ଶୃଙ୍ଖଳିତ ନାଗରିକ ଆବଶ୍ୟକ କରେ । ସେମାନେ ଦକ୍ଷ ଜୀବନ ଶକ୍ତି ଧାରଣ କରିବା ଉଚିତ । ଲୋକମାନଙ୍କର ଗଠନ ମଧ ଗୁରୁତ୍ୱପୂର୍ଣ୍ଣ ଅଟେ । ଗୋଟିଏ ରାଷ୍ଟ୍ର ସମଜାତୀୟ ଲୋକଙ୍କୁ ନେଇ ଗଠିତ ହୋଇଥିଲେ ଶାସନ କରିବାକୁ ସହଜ ହୋଇଥାଏ ।

### ୨.୫.୨ ଭୂଖଣ୍ଡ (Territory) :

ଯେପରି ସମସ୍ତ ବ୍ୟକ୍ତି ରାଷ୍ଟ୍ରର, ସେହିପରି ସମସ୍ତ ଭୂମି ପୃଥିବୀର । ନିର୍ଦ୍ଦିଷ୍ଟ ଭୂଖଣ୍ଡ ବିନା ରାଷ୍ଟ୍ର ରହିବ ନାହିଁ । ଗୋଟିଏ ଭୂଖଣ୍ଡ ମଧରେ ରହୁଥିବା ବ୍ୟକ୍ତି ମଧ୍ୟରେ ଅଧିକ କନ୍ଦଳ ସୃଷ୍ଟି ହୁଏ । ଭୂଖଣ୍ଡ ପାଇଁ ଥିବା ପ୍ରେମ ଦେଶପ୍ରେମକୁ ପ୍ରଭାବିତ କରେ । କିଛି ଲୋକ ଦେଶକୁ ପିତୃଭୂମି ଓ କିଛି ଲୋକ ଦେଶକୁ ମାତୃଭୂମି ବୋଲି କହନ୍ତି । କିନ୍ତୁ ଭୂଖଣ୍ଡ ପ୍ରତି ଏକ ନିର୍ଦ୍ଦିଷ୍ଟ ଆସକ୍ତି ରହିଥାଏ ।

ରାଜନୈତିକ ପ୍ରଭୁତ୍ୱକୁ କାର୍ଯ୍ୟକାରୀ କରିବା ପାଇଁ ନିର୍ଦ୍ଦିଷ୍ଟ ଭୂଖଣ୍ଡର ଆବଶ୍ୟକତା ରହିଛି । ବିଭିନ୍ନ ସ୍ଥାନରେ ବସତି ସ୍ଥାପନ କରୁଥିବା ଅଧିବାସୀମାନଙ୍କର ରାଜନୈତିକ ପ୍ରଭୁତ୍ୱ ରହିଛି ସତ, କିନ୍ତୁ ସେମାନେ ରାଷ୍ଟ୍ର ଗଠନ କରିପାରନ୍ତି ନାହିଁ । ଜୀଉମାନେ ବିଭିନ୍ନ ରାଷ୍ଟ୍ରରେ ବସତି ସ୍ଥାପନ କରୁଥିଲେ ଏବଂ ସେମାନଙ୍କର ଗୋଟିଏ ରାଷ୍ଟ୍ର ହେଲା, ଯେଉଁ ସମୟରେ ଇଜରାୟଲର ସୃଷ୍ଟି ହେଲା, ଯାହାର ଗୋଟିଏ ନିର୍ଦ୍ଦିଷ୍ଟ ଭୂଖଣ୍ଡ ଥିଲା । ନିର୍ଦ୍ଦିଷ୍ଟ ଭୂଖଣ୍ଡ ବିନା ବର୍ହିଃ ସମ୍ପର୍କ ସ୍ଥାପନ କରିବା ଅତ୍ୟନ୍ତ କଷ୍ଟକର ହେବ । ଏହା ଚିହ୍ନଟ ପାଇଁ ଜରୁରୀ ଅଟେ, ଯଦି ଗୋଟିଏ ରାଷ୍ଟ୍ର ଅନ୍ୟର ଭୂଖଣ୍ଡ ଅଧିକାର କରିବାକୁ ଚେଷ୍ଟା କରେ ।

ଭୂଖଣ୍ଡ ଛୋଟ କିମ୍ବା ବଡ଼ ହୋଇପାରେ । କିନ୍ତୁ ରାଷ୍ଟ୍ରର ଏକ ନିର୍ଦ୍ଦିଷ୍ଟ ଭୂଖଣ୍ଡ ରହିବା ଆବଶ୍ୟକ । ଏହା ସାନ ମାରିନୋ (San Marino) ପରି ଛୋଟ ରାଷ୍ଟ୍ର ହୋଇପାରେ ଯାହାର ପରିଧି ୬୨ ସ୍କୋୟାର କିଲୋମିଟର ରହିଛି କିମ୍ବା ଏହା ଭାରତ, ଆମେରିକା, ରୁଷିଆ କିମ୍ବା ଚୀନ ପରି ବୃହତ୍ ହୋଇପାରେ । ରାଷ୍ଟ୍ରର ଆକାର ସରକାରର ଗଠନକୁ ପ୍ରଭାବିତ କରେ । ଉଦାହରଣ ସ୍ୱରୂପ କ୍ଷୁଦ୍ର ରାଷ୍ଟ୍ର ସବୁର ଐକିକ ସରକାର ରହିଥାଏ । କିନ୍ତୁ ବୃହତ୍ ରାଷ୍ଟ୍ର ସବୁ ଯଥା : ଭାରତ ଓ ଆମେରିକାର ସଂଘୀୟ ସରକାର ଗ୍ରହଣୀୟ ଅଟେ ।

ଜମି ମାନଙ୍କର ଉତ୍କର୍ଷତା ହେଉଛି ବିଶେଷ ଗୁରୁତ୍ୱପୂର୍ଣ୍ଣ । ଯଦି ଜମିଗୁଡ଼ିକ ଖଣିଜ ସମ୍ପଦ ଓ ପ୍ରାକୃତିକ ସମ୍ପଦରେ ଉନ୍ନତ ଏହା ରାଷ୍ଟ୍ରକୁ ଅର୍ଥନୈତିକ କ୍ଷେତ୍ରରେ ଅଧିକ ଶକ୍ତିଶାଳୀ କରିଥାଏ । ଲୋକମାନଙ୍କୁ ପ୍ରଚୁର ଖାଦ୍ୟଶସ୍ୟ ଯୋଗାଇବାରେ ସକ୍ଷମ ହେବ । ପୂର୍ବ ଏସିଆର ରାଷ୍ଟ୍ରଗୁଡ଼ିକ ଗୁରୁତ୍ୱହୀନ ଥିଲେ, କିନ୍ତୁ ତୈଳ ସମ୍ପଦର ଉଦ୍ଭାବନ ପରେ ସେମାନେ ଅଧିକ ଉନ୍ନତ ହେଲେ । ଯୁଦ୍ଧ ସମୟରେ ବୃହତ୍ ଭୂଖଣ୍ଡ ଥିବା ରାଷ୍ଟ୍ରରେ ସାମରିକ ଅଗ୍ରଗତି ଦେଖିବାକୁ ମିଳେ । ବଙ୍ଗଳା ଦେଶର ସୃଷ୍ଟି ପୂର୍ବରୁ ପାକିସ୍ଥାନର ଦୁଇଭାଗ ମଧ୍ୟରେ ମାଇଲ ଧରି ଦୂରତା ରହିଥିଲା । ହାୱାଇ ଓ ଆଲାସ୍କା ଆମେରିକାର ମୁଖ୍ୟ ପରିସୀମାଠାରୁ ଅନେକ ଦୂରରେ ଅବସ୍ଥିତ ।

ଜମି, ପାଣି ଓ ବାୟୁ ମିଶିକରି ରାଷ୍ଟ୍ରର ଭୂଖଣ୍ଡ ଗଠିତ । ରାଷ୍ଟ୍ରର ସାର୍ବଭୌମତ୍ୱ ଏହାର ଜମି, ନଦୀ, ପର୍ବତ, ସମତଳ ଓ ବାୟୁ ଉପରେ କ୍ଷମତା ପ୍ରୟୋଗ କରେ । ଜମି ପରିସୀମାଠାରୁ ନିର୍ଦ୍ଦିଷ୍ଟ ସୀମିତ ଦୂରତ୍ୱ ପର୍ଯ୍ୟନ୍ତ ସମୁଦ୍ର ରାଷ୍ଟ୍ରର ଭୂଖଣ୍ଡର ଗୋଟିଏ ଅଂଶ ଅଟେ ।

### ୨.୫.୩ ସରକାର (Government) :

ଲୋକମାନଙ୍କର ଏକତ୍ରିତ ଭାବେ ବସତି ସ୍ଥାପନର ଉଦ୍ଦେଶ୍ୟ ବୁଝା ପଡ଼ିବ ନାହିଁ ଯେଉଁ ପର୍ଯ୍ୟନ୍ତ ସେମାନେ ଶୃଙ୍ଖଳିତ ଭାବରେ ସଂଗଠିତ ଓ ନିର୍ଦ୍ଦିଷ୍ଟ ନୀତିନିୟମ ମାନି ନ ଚଳିବେ । ଆଇନକୁ ମାନିବା ପାଇଁ



Notes

ବାଧ୍ୟ କରିବା ଓ ଆଜ୍ଞାନୁବର୍ତ୍ତିତାକୁ ସୁନିଶ୍ଚିତ କରିବାପାଇଁ ଗୋଟିଏ ସଂଗଠନ ତିଆରି ହେଲା, ଯାହାକୁ ସରକାର କୁହାଗଲା । ସରକାର ଲୋକମାନଙ୍କର ସାଧାରଣ ଉଦ୍ଦେଶ୍ୟ ପ୍ରତି ଦୃଷ୍ଟି ନିକ୍ଷେପ କରେ । ସରକାର ସାଧାରଣ ନୀତିନିୟମ ଗୁଡ଼ିକୁ ସ୍ଥିରୀକୃତ କରେ, ସାଧାରଣ ଘଟଣାଗୁଡ଼ିକୁ ନିୟନ୍ତ୍ରିତ କରେ ଓ ସାଧାରଣ ଇଚ୍ଛାଗୁଡ଼ିକୁ ଉନ୍ନତ କରେ । ସରକାର ବିନା ଲୋକମାନଙ୍କ ମଧ୍ୟରେ ଥିବା ସଂପର୍କ ଓ ସଂଗଠିତ କାର୍ଯ୍ୟକଳାପର ଅଧୋପତନ ଘଟିବ । ଯାହାଫଳରେ ବିଭିନ୍ନ ଗୋଷ୍ଠୀ, ଦଳ ଓ ଦୁଷ୍ଟ ସଂଘ ସବୁ ଗଠନ ହେବ । ସେଥିପାଇଁ ମନୁଷ୍ୟ ବଞ୍ଚିବା ଉଦ୍ଦେଶ୍ୟରେ ଗୋଟିଏ ପ୍ରଭୁତ୍ୱର ଆବଶ୍ୟକତା ରହିଛି । ଏହା ମନୁଷ୍ୟ ଜୀବନ ପାଇଁ ପୂର୍ବ ନିର୍ଦ୍ଧାରିତ । ସରକାର ବିନା ଗୋଟିଏ ରାଷ୍ଟ୍ର ତିଷ୍ଠି ପାରିବ ନାହିଁ । ଗୋଟିଏ ସରକାର ଯେକୌଣସି ପ୍ରକାରର ହେଉ ନା କାହିଁକି, ଏହା ଭୂଟାନ ପରି ରାଜତନ୍ତ୍ର ହେଉ ବା ଭାରତ ପରି ସାଧାରଣତନ୍ତ୍ର ହେଉ । ଏହା ଭାରତ ପରି ଏକ ସାଂସଦୀୟ ଶାସନ ବ୍ୟବସ୍ଥା ହେଉ କିମ୍ବା ଆମେରିକା ପରି ରାଷ୍ଟ୍ରପତୀୟ ଶାସନ ବ୍ୟବସ୍ଥା ହେଉ ।

### ୨.୫.୪ ସାର୍ବଭୌମତ୍ୱ (Soverignty) :

ଲୋକମାନଙ୍କର ନିର୍ଦ୍ଦିଷ୍ଟ ଭୂଖଣ୍ଡ ଓ ସରକାର ରହିଥିଲେ ମଧ୍ୟ ଯେଉଁ ପର୍ଯ୍ୟନ୍ତ ସାର୍ବଭୌମତ୍ୱ ନ ଥିବ ଗୋଟିଏ ରାଷ୍ଟ୍ର ପରିକଳ୍ପନା କରାଯାଇ ପାରିବ ନାହିଁ । ୧୯୪୭ ମସିହା ଅଗଷ୍ଟ ୧୫ ପୂର୍ବରୁ ଭାରତର ସାର୍ବଭୌମତ୍ୱ ବିନା ଅନ୍ୟ ସମସ୍ତ ଉପାଦାନ ଥିଲେ ମଧ୍ୟ ଏହାକୁ ଗୋଟିଏ ରାଷ୍ଟ୍ର କୁହାଯାଇ ନ ଥିଲା । ସାର୍ବଭୌମତ୍ୱ ଅର୍ଥ ହେଉଛି ସର୍ବୋଚ୍ଚ କ୍ଷମତା ଯାହାଦ୍ୱାରା ରାଷ୍ଟ୍ର ଏହାର ନାଗରିକ ଉପରେ ଆଦେଶ ପ୍ରୟୋଗ କରେ ଓ ଚେଷ୍ଟା କରେ ରାଜନୈତିକ ଆନୁଗତ୍ୟ ଗ୍ରହଣ କରିବା ପାଇଁ । ଗୋଟିଏ ରାଷ୍ଟ୍ର ଆଭ୍ୟନ୍ତରୀଣ କ୍ଷେତ୍ରରେ ସର୍ବେସର୍ବା ଓ ବର୍ହିକ୍ଷେତ୍ରରେ ମୁକ୍ତ ହେବା ଆବଶ୍ୟକ । ସାର୍ବଭୌମତ୍ୱର ଦୁଇଟି ଦିଗ ଅଛି । ଆଭ୍ୟନ୍ତରୀଣ ଓ ବାହ୍ୟ । ଆଭ୍ୟନ୍ତରୀଣ ସାର୍ବଭୌମତ୍ୱର ଅର୍ଥ ନିଜ ପରିସୀମା ଭିତରେ ଥିବା ସମସ୍ତ ବ୍ୟକ୍ତି, ସଂଗଠନ ଓ ପଦାର୍ଥ ଉପରେ ସର୍ବେସର୍ବା । ବାହ୍ୟ ସାର୍ବଭୌମତ୍ୱର ଅର୍ଥ ହେଉଛି ରାଷ୍ଟ୍ର ଅନ୍ୟ ସମସ୍ତ ରାଷ୍ଟ୍ର, ଆନ୍ତର୍ଜାତିକ ସଂଗଠନ ଓ ବର୍ହିଚାପରୁ ମୁକ୍ତ ।

ତେଣୁକରି ପ୍ରତ୍ୟେକ ରାଷ୍ଟ୍ରର ଜନସଂଖ୍ୟା, ନିର୍ଦ୍ଦିଷ୍ଟ ଭୂଖଣ୍ଡ, ସରକାର ଓ ସାର୍ବଭୌମତ୍ୱ ରହିଛି । ଏହାର ଗୋଟିଏ ବ୍ୟତିରେକେ ରାଷ୍ଟ୍ରକୁ ରାଷ୍ଟ୍ର ମାନ୍ୟତା ପ୍ରଦାନ କରାଯିବ ନାହିଁ । ଯେଉଁ ସମୟରେ ଭାରତର ସାଧାରଣତନ୍ତ୍ର ୨୮ ଗୋଟି ପ୍ରଦେଶ ଓ ଆମେରିକା ୫୦ ଗୋଟି ରାଷ୍ଟ୍ରକୁ ନେଇ ଗଠିତ ହୋଇଥିଲା, ଏହି ଶବ୍ଦ ପାଇଁ ଏକ ଦ୍ୱନ୍ଦ୍ୱ ସୃଷ୍ଟି କରିଥିଲା ।

### ବିଷୟ ଭିତ୍ତିକ ପ୍ରଶ୍ନାବଳୀ ୨.୪

**ଶୂନ୍ୟସ୍ଥାନ ପୂରଣ କର ।**

୧। ରାଷ୍ଟ୍ରର ଚାରିଗୋଟି ଉପାଦାନ ଯଥା ________ ________ ________ଓ ________।

୨। ପ୍ଲାଟୋଙ୍କ ରାଷ୍ଟ୍ରର ଜନସଂଖ୍ୟା ________ ଓ ରୁଷୋଙ୍କ ମତରେ ________ ।

୩। ଦେଶକୁ ଭଲ ପାଇବା ________ ଭାବନାକୁ ଅନ୍ତର୍ଭୁକ୍ତ କରେ ।

୪। ________ ________ ଓ ________ କୁ ନେଇ ଭୂଖଣ୍ଡ ଗଠିତ ।

୫। ଐକିକ ସରକାର ଗୋଟିଏ କ୍ଷୁଦ୍ର ରାଷ୍ଟ୍ର ପାଇଁ ଉପଯୁକ୍ତ ଓ ________ ଗୋଟିଏ ବୃହତ୍ତର ରାଷ୍ଟ୍ର ପାଇଁ ପ୍ରଯୁଜ୍ୟ ।



Notes

୬। ଆଇନକୁ ମାନିବା ପାଇଁ ବାଧ୍ୟ କରିବା ଉଦ୍ଦେଶ୍ୟରେ ଯେଉଁ ସଂଗଠନଟି ଗଠିତ ହେଲା, ତାକୁ __________ କୁହାଯାଏ ।

୭। ସାର୍ବଭୌମତ୍ୱର ଦୁଇଟି ଦିଗ ରହିଛି ଯଥା __________ ଓ __________ ।

## ତୁମେ କ'ଣ ଶିକ୍ଷା କଲ

ତୁମେ ଜାତି, ଜାତୀୟତା ଓ ରାଷ୍ଟ୍ର ବିଷୟରେ ଧାରଣା ପାଇଛ । ଜାତି ଓ ଜାତୀୟତା ଶବ୍ଦ ଲାଟିନ୍ ଭାଷାର ନାଟସ୍ (Natus) ଶବ୍ଦରୁ ଆସିଅଛି । ଏହାର ମୂଳ ଉତ୍ପତ୍ତି ଶବ୍ଦ ଅନୁସାରେ ଜାତୀୟତାର ଅର୍ଥ ସମାନ ମୂଳ ବଂଶ ବା ଜନ୍ମକୁ ନେଇ ସମ୍ପର୍କ ବା ରକ୍ତଗତ ସମ୍ପର୍କ । ତୁମେ ଜାତି ଓ ଜାତୀୟତା ବିଷୟରେ ଧାରଣା ପାଇଛ । ତୁମେ ଜାତୀୟତାର ଅନେକ ଉପାଦାନ ବିଷୟରେ ଜାଣିଲ । ସେଥିମଧ୍ୟରୁ ଗୋଟିଏ ବା ସମସ୍ତ ଉପାଦାନ ଅତ୍ୟାବଶ୍ୟକ ନୁହେଁ । ସେଥିମଧ୍ୟରୁ ଗୋଟିଏ କିମ୍ବା ଅନେକ ଉପାଦାନର ଉପସ୍ଥିତି ବା ଅନୁପସ୍ଥିତି ଜାତୀୟତାର ଭାବନା ଉପରେ ପ୍ରଭାବ ପକାଇବ ନାହିଁ । ତୁମେ ମଧ୍ୟ ଜାଣିଛ, ରାଷ୍ଟ୍ର ଗୋଟିଏ ରାଜନୈତିକ ଅନୁଷ୍ଠାନ । ସମାଜର ଧାରଣାକୁ ନେଇ ଏହା ଗଠିତ ହୋଇଛି । କିନ୍ତୁ ମାର୍କସିଷ୍ଟମାନେ ବିଶ୍ୱାସ କରନ୍ତି, ରାଷ୍ଟ୍ର ଗୋଟିଏ ଶ୍ରେଣୀ ସଂଗଠନ । ତୁମେ ମଧ୍ୟ ଜାଣିଲ ରାଷ୍ଟ୍ରର ଚାରିଗୋଟି ଉପାଦାନ ଅଛି, ଯଥା : ଜନସଂଖ୍ୟା, ଭୂଖଣ୍ଡ, ସରକାର ଓ ସାର୍ବଭୌମତ୍ୱ ।

## ପାଠ୍ୟାନ୍ତ ଅଭ୍ୟାସ

**ନିମ୍ନଲିଖିତ ଶବ୍ଦଗୁଡ଼ିକୁ ବାଖ୍ୟା କର ।**

୧। (କ) ଜାତି (ଖ) ରାଷ୍ଟ୍ର (ଗ) ସରକାର

୨। ଜାତୀୟତା ଗଠନରେ ସାହାଯ୍ୟ କରୁଥିବା ଉପାଦାନ ଗୁଡ଼ିକର ନାମ ଲେଖ ଓ ସେଥିରୁ ଦୁଇଟିର ବାଖ୍ୟା କର ।

୩। ରାଷ୍ଟ୍ର କାହାକୁ କୁହାଯାଏ ? ରାଷ୍ଟ୍ରର ଉପାଦାନଗୁଡ଼ିକ ଆଲୋଚନା କର ।

୪। ନିମ୍ନଲିଖିତ ଶବ୍ଦଗୁଡ଼ିକ ରାଷ୍ଟ୍ର କି ? ଉତ୍ତରର କାରଣ ଦିଅ ।

(କ) ଭାରତ (ଖ) ଜାତିସଂଘ (ଗ) ବିହାର (ଘ) ଆମେରିକା

## ବିଷୟ ଭିତ୍ତିକ ପ୍ରଶ୍ନାବଳୀର ଉତ୍ତର

**୨.୧**

୧। ସମ

୨। ବଂଶ ପବିତ୍ରତା

୩। ମନସ୍ତାତ୍ତ୍ୱିକ

୪। ନାଟସ୍

**୨.୨**

୧। ସଂସ୍କୃତି

୨। ବୈଜ୍ଞାନିକ ଦୃଷ୍ଟିକୋଣରୁ



Notes



୩। ଭାଷା

୪। ଏକତା

୫। ଉପନିବେଶବାଦ ଶୋଷଣ

**୨.୩**

୧। ସୁସ୍ଥ ବା ସମୃଦ୍ଧ

୨। ଦମନମୂଳକ କ୍ଷମତା

୩। ଆନୁଗତ୍ୟ

୪। ଶ୍ରେଣୀ ସଂଗଠନ

୫। ରାଷ୍ଟ୍ର

**୨.୪**

୧। ଭୂଖଣ୍ଡ, ଜନସଂଖ୍ୟା,ସରକାର ଓ ସାର୍ବଭୌମତ୍ୱ

୨। ଦେଶପ୍ରେମ

୩। ସଂଘୀୟ ବ୍ୟବସ୍ଥା

୪। ସରକାର

୫। ଆଭ୍ୟନ୍ତରୀଣ ଓ ବାହ୍ୟ

## ପାଠ୍ୟାନ୍ତ ଅଭ୍ୟାସ ପାଇଁ ସୂଚନା

୧। (କ) ବିଭାଗ ୨.୧

(ଖ) ବିଭାଗ ୨.୪

(ଗ) ବିଭାଗ ୨.୫.୩

୨। ବିଭାଗ ୨.୩

୩। ବିଭାଗ ୨.୪

୪। (କ) ହଁ, କାରଣ ଏହାର ରାଷ୍ଟ୍ରର ଚାରିଗୋଟି ଉପାଦାନ ରହିଛି ।

(ଖ) ନୁହେଁ, ଜାତିସଂଘର ଦୁଇଟି ଉପାଦାନ ନାହିଁ, ଯଥା : ଭୂଖଣ୍ଡ ଓ ସାର୍ବଭୌମତ୍ୱ ।

(ଗ) ନାଁ, ଏହାର ସାର୍ବଭୌମତ୍ୱ ନାହିଁ ।

(ଘ) ହଁ, ଏହାର ଏହାର ଚାରିଗୋଟି ଉପାଦାନ ଅଛି ।